କ୍ରିଷ୍ଣାନନ୍ଦ

ବନାମ

କଟୁ ଶିବ ଆଶ୍ରମ ଏବଂ ଅନ୍ୟମାନେ

ଜାନୁଆରୀ 18,2007

[ଏସ୍.ବି. ସିହ୍ନା ଏବଂ ମାର୍କଣ୍ଡେୟ କାଟଜୁ, ନ୍ୟାୟମୂର୍ତ୍ତିଦ୍ୱୟ]

*ଅପିଲ — ଦ୍ୱିତୀୟ ଅପିଲ — ଅନୁରକ୍ଷଣୀୟତା — ମକଦ୍ଦମା — ପ୍ରତିବାଦୀମାନଙ୍କ ମଧ୍ୟରୁ ଜଣଙ୍କ ଦ୍ୱାରା ପ୍ରତିକୂଳ ଦଖଲର ଆଳ — ଉଭୟ ବାଦୀ ତଥା ପ୍ରତିବାଦୀଙ୍କ ସ୍ୱତ୍ୱ, ବିଚାର କରୁଥିବା ନ୍ୟାୟାଳୟଙ୍କ ଦ୍ୱାରା ପ୍ରତ୍ୟାଖ୍ୟାନ—ସେହି ପ୍ରତିବାଦୀଙ୍କ ଦ୍ୱାରା କୌଣସି ଅପିଲ ନାହିଁ—ସେହି ପ୍ରତିବାଦୀଙ୍କ ପ୍ରଥମ ଅପିଲରେ ସ୍ୱତ୍ୱ ପ୍ରତ୍ୟାଖ୍ୟାନ କରାଯାଇଥିଲା—ତାଙ୍କ ଦ୍ୱାରା ଦ୍ୱିତୀୟ ଅପିଲ ଖାରଜ ହୋଇଥିଲା—ଅପିଲ ଉପରେ, ଦର୍ଶାଯାଇଛି : ପ୍ରତିବାଦୀଙ୍କ ଦ୍ୱାରା ଦ୍ୱିତୀୟ ଅପିଲଟି ଅନୁରକ୍ଷଣୀୟ ନଥିଲା।*

**ଉତ୍ତରଦାତା ସଂଖ୍ୟା 1-ବାଦୀ, ପ୍ରତିବାଦୀ ସଂଖ୍ୟା 4-ଅପିଲକାରୀଙ୍କ ବିରୋଧରେ ଏକ ମକଦ୍ଦମା ଦାୟର କରିଥିଲେ । ଅପିଲକାରୀ ପ୍ରତିକୂଳ ଦଖଲ ଦ୍ୱାରା ଜମି ଉପରେ ସ୍ୱତ୍ୱ ଦାବି କରିଥିଲେ । ଅପିଲକାରୀଙ୍କ ଦାବି ବିଚାର କରୁଥିବା ନ୍ୟାୟାଳୟଙ୍କ ଦ୍ୱାରା ପ୍ରତ୍ୟାଖ୍ୟାନ ହୋଇଥିଲା । ମକଦ୍ଦମା ମଧ୍ୟ ଖାରଜ ହୋଇଥିଲା । ଅପିଲକାରୀ ଏହା ବିରୋଧରେ କୌଣସି ଅପିଲକୁ ଆଗତ କରିନଥିଲେ । ଅପିଲରେ, ପ୍ରଥମ ଅପିଲୀୟ ନ୍ୟାୟାଳୟ ମତ ଦେଇଛନ୍ତି ଯେ, ଉଭୟ ଉତ୍ତରଦାତା ସଂଖ୍ୟା 1 ଏବଂ ଅପିଲକାରୀ ସମ୍ପତ୍ତିର କୌଣସି ସ୍ୱତ୍ୱ ଅର୍ଜନ କରିନାହାଁନ୍ତି । ଅପିଲକାରୀ ଏହା ବିରୁଦ୍ଧରେ ଦ୍ୱିତୀୟ ଅପିଲ ମକଦ୍ଦମା କରିଥିଲେ ଏବଂ ଏହାକୁ ଏହି ଆଧାରରେ ଖାରଜ କରାଯାଇଥିଲା ଯେ, ଅପିଲଟି ଅନୁରକ୍ଷଣୀୟ ନୁହେଁ କାରଣ ଅପିଲକାରୀ ତାଙ୍କ ଦାବି କରିବା ସମ୍ବନ୍ଧରେ କୌଣସି ମକଦ୍ଦମା ଦାୟର କରିନଥିଲେ କିମ୍ବା ବିଚାର କରୁଥିବା ନ୍ୟାୟାଳୟ ସେହି ତରଫରୁ କୌଣସି ପ୍ରତିକାର ଦେଇନଥିଲେ । ତେଣୁ ଏହି ଅପିଲ ।**

**ଅପିଲଟିକୁ ଖାରଜ କରି, ନ୍ୟାୟାଳୟ**

**ଦର୍ଶାଇଥିଲେ : ଏଠାରେ ଅପିଲକାରୀଙ୍କ ଅନୁରୋଧରେ ଦାଖଲ ହୋଇଥିବା ଦ୍ୱିତୀୟ ଅପିଲ ଅନୁରକ୍ଷଣୀୟ ନଥିଲା କାରଣ ପ୍ରଥମ ଅପିଲ ନ୍ୟାୟାଳୟ କେବଳ କେତେକ ନିର୍ଦ୍ଦିଷ୍ଟ ସିଦ୍ଧାନ୍ତଗୁଡିକରେ ପହଞ୍ଚିଥିଲେ ଯାହା ଅପିଲକାରୀ ଏବଂ ମୂଳ ବାଦୀଙ୍କ ଦ୍ୱାରା ଏବଂ ପରସ୍ପର**

**ମଧ୍ୟରେ ଏକ ପ୍ରସଙ୍ଗର ନିର୍ଣ୍ଣୟ ଉଦ୍ଦେଶ୍ୟରେ ପ୍ରାସଙ୍ଗିକ ହୋଇପାରେ, କିନ୍ତୁ ବାଦୀଙ୍କ ପରସ୍ପର ମଧ୍ୟରେ ଏକ ପ୍ରସଙ୍ଗର ନିର୍ଣ୍ଣୟ ପାଇଁ ସମାନ ପ୍ରାସଙ୍ଗିକ ନଥିଲା । ଅଧିକନ୍ତୁ, ଅପିଲକାରୀଙ୍କ ବିରୁଦ୍ଧରେ କୌଣସି ଡିକ୍ରି ଆଗତ କରାଯାଇ ନଥିଲା । [ଅନୁଚ୍ଛେଦ 5] [1133-F-G]**

ଦେୱାନୀ ଅପିଲ ଅଧିକାରିତା : ଦେୱାନୀ ଅପିଲ ସଂଖ୍ୟା 6196/2000 ।

ଏସ୍.ଏ. ସଂଖ୍ୟା 1148/1998ରେ ମାଡ୍ରାସସ୍ଥିତ ଉଚ୍ଚ ନ୍ୟାୟାଳୟଙ୍କ ନ୍ୟାୟ ବିଧାନର 20.08.1998 ତାରିଖର ଅନ୍ତିମ ରାୟ ଏବଂ ଆଦେଶରୁ ।

ଅପିଲକାରୀଙ୍କ ପାଇଁ ଅତୁଲ ୱାଇ. ଚିତାଲେ, ସୁଚିତ୍ରା ଅତୁଲ ଚିତାଲେ, ସୁଜୀତା ଶ୍ରୀବାସ୍ତବ ଏବଂ ମଧୁପ ସିଂହଲ ।

ଉତ୍ତରଦାତାମାନଙ୍କ ପାଇଁ ଆର୍. ସୁନ୍ଦରବରଦନ, ବରିଷ୍ଠ ଅଧିବକ୍ତା, ଭି.ଜି. ପ୍ରଗସମ, ଏସ୍. ଭଲ୍ଲିନାୟଗମ, ଭି. କ୍ରିଷ୍ଣ ମୂର୍ତ୍ତି, ଭି. ବାଲାଜୀ ଏବଂ ତାଙ୍କ ସହିତ ଏ.ଟି.ଏମ୍. ସମ୍ପଥ ।

ଏହି ନ୍ୟାୟାଳୟଙ୍କ ରାୟ ଏସ୍.ବି. ସିହ୍ନା, ନ୍ୟାୟମୂର୍ତ୍ତିଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା ।

1. ମୂଳ ମକଦ୍ଦମାର ପ୍ରତିବାଦୀ ସଂଖ୍ୟା 4, ଆମ ସମ୍ମୁଖରେ ଅପିଲକାରୀ ଅଟନ୍ତି । ଏଠାରେ ବାଦୀ ହେଉଛନ୍ତି ପ୍ରଥମ ଉତ୍ତରଦାତା । ମୂଳ ବାଦୀଙ୍କ ମକଦ୍ଦମା ଖାରଜ କରାଯାଇଥିଲା । ପ୍ରତିବାଦୀ ସଂଖ୍ୟା 4 ଏହା ବିରୁଦ୍ଧରେ କୌଣସି ଅପିଲକୁ ଆଗତ କରିନଥିଲେ ।

2. ଅପିଲକାରୀ ପ୍ରତିକୂଳ ଦଖଲ ଦ୍ୱାରା ଜମି ଉପରେ ସ୍ୱତ୍ୱ ଦାବି କରିଥିଲେ । ଉକ୍ତ ଦାବି ବିଜ୍ଞ ବିଚାରପତିଙ୍କ ଦ୍ୱାରା ଖଣ୍ଡନ କରାଯାଇଥିଲା । ପ୍ରଥମ ଅପିଲୀୟ ନ୍ୟାୟାଳୟ, ତଥାପି, ମତ ଦେଇଛନ୍ତି ଯେ, ଉଭୟ ବାଦୀ (ଏଠାରେ ଉତ୍ତରଦାତା ସଂଖ୍ୟା 1) ଏବଂ ପ୍ରତିବାଦୀ ସଂଖ୍ୟା 4 (ଏଠାରେ ଅପିଲକାରୀ) ସମ୍ପତ୍ତିର କୌଣସି ସ୍ୱତ୍ୱ ଅର୍ଜନ କରିନାହାଁନ୍ତି ।

3. ପ୍ରଥମ ଅପିଲ ନ୍ୟାୟାଳୟଙ୍କ ଦ୍ୱାରା କରାଯାଇଥିବା କେତେକ ସିଦ୍ଧାନ୍ତଗୁଡିକ ଦ୍ୱାରା ବ୍ୟଥିତ ହୋଇ, ଅପିଲକାରୀ ମାଡ୍ରାସ ଉଚ୍ଚ ନ୍ୟାୟାଳୟରେ ଦ୍ୱିତୀୟ ଅପିଲ ଆଗତ କରିଥିଲେ, ଯାହାକୁ ସାରାଂଶ ଭାବରେ ଖାରଜ କରିଦିଆଯାଇଥିଲା । ଉଚ୍ଚ ନ୍ୟାୟାଳୟ ମତ ଦେଇଛନ୍ତି ଯେ, ଯେହେତୁ ପ୍ରତିବାଦୀ ସଂଖ୍ୟା 4 କୌଣସି ମକଦ୍ଦମା ଦାୟର କରିନଥିଲେ କିମ୍ବା ବିଚାର କରୁଥିବା ନ୍ୟାୟାଳୟ ସେହି ତରଫରୁ କୌଣସି ପ୍ରତିକାର ଦେଇନଥିଲେ, ଅପିଲଟି ଅନୁରକ୍ଷଣୀୟ ନଥିଲା ।

4. ଉଚ୍ଚ ନ୍ୟାୟାଳୟଙ୍କ ଉକ୍ତ ଆଦେଶରେ ବ୍ୟଥିତ ହୋଇ ଅପିଲକାରୀ ଆମ ଦ୍ୱାରସ୍ଥ ହୋଇଛନ୍ତି ।

5. ଏଥିରେ କୌଣସି ସନ୍ଦେହ ରହିବ ନାହିଁ ଯେ, ଏଠାରେ ଅପିଲକାରୀଙ୍କ ଦ୍ୱାରା ଦାଖଲ ହୋଇଥିବା ଦ୍ୱିତୀୟ ଅପିଲଟି ଅନୁରକ୍ଷଣୀୟ ନଥିଲା କାରଣ ପ୍ରଥମ ଅପିଲୀୟ ନ୍ୟାୟାଳୟ କେବଳ କେତେକ ସିଦ୍ଧାନ୍ତଗୁଡିକରେ ପହଞ୍ଚିଥିଲେ ଯାହା ଅପିଲକାରୀଙ୍କ ଦ୍ୱାରା ଏବଂ ମୂଳ ବାଦୀଙ୍କ ପରସ୍ପର ମଧ୍ୟରେ ଏକ ପ୍ରସଙ୍ଗର ନିର୍ଣ୍ଣୟ ଉଦ୍ଦେଶ୍ୟରେ ପ୍ରାସଙ୍ଗିକ ହୋଇପାରେ, କିନ୍ତୁ ବାଦୀଙ୍କ ପରସ୍ପର ମଧ୍ୟରେ ଏକ ପ୍ରସଙ୍ଗର ନିର୍ଣ୍ଣୟ ପାଇଁ ସମାନ ପ୍ରାସଙ୍ଗିକ ନଥିଲା । ଅଧିକନ୍ତୁ, ଅପିଲକାରୀଙ୍କ ବିରୁଦ୍ଧରେ କୌଣସି ଡିକ୍ରି ଆଗତ କରାଯାଇ ନଥିଲା ।

6. ଉତ୍ତରଦାତା ସଂଖ୍ୟା 2 ରୁ 4 ତରଫରୁ ହାଜର ହୋଇଥିବା ବିଜ୍ଞ ବରିଷ୍ଠ ଅଧିବକ୍ତା ଶ୍ରୀ ସୁନ୍ଦରବରଦନ ଆମ ସମ୍ମୁଖରେ କହିଛନ୍ତି ଯେ, ଉପରୋକ୍ତ ରମଣ ପିଲ୍ଲାଇ କୌଣସି ଉତ୍ତରାଧିକାରୀ ଛାଡି ନ ଯାଇ ମୃତ୍ୟୁବରଣ କରିଥିଲେ; ରାଜସାତ୍ ହେବା ପ୍ରକ୍ରିୟା ଆରମ୍ଭ ହୋଇଛି । ଯଦି ଏପରି ହୋଇଥାଏ, ତେବେ ଏଥିରେ କୌଣସି ସନ୍ଦେହ ରହିପାରିବ ନାହିଁ, ଯାହାବିହେଉ, ଯେ, ଅପିଲକାରୀ ଯଦି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଏ, ତେବେ ସେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନରେ ତାଙ୍କ ଅଧିକାର ସମ୍ବନ୍ଧରେ ସମସ୍ତ ବିବାଦ ଉଠାଇବାକୁ ହକଦାର ହେବେ । ଏପରିକି ସେ ଉକ୍ତ ଉତ୍ତରଦାତାଙ୍କ ବିରୋଧରେ ଏକ ସାନି କାର୍ଯ୍ୟାନୁଷ୍ଠାନ ମଧ୍ୟ ଆଣିପାରନ୍ତି ।

7. ଅପିଲକାରୀ ଉକ୍ତ ରମଣ ପିଲ୍ଲାଇଙ୍କ ଦ୍ୱାରା ନିଷ୍ପାଦିତ 5.1.1965 ତାରିଖ ବିଶିଷ୍ଟ ଏକ ତଥାକଥିତ ଇଚ୍ଛାପତ୍ର ଆମ ସମ୍ମୁଖରେ ଉପସ୍ଥାପନ କରିବାକୁ ଚାହୁଁଛନ୍ତି । ତେବେ, ଉକ୍ତ ଇଚ୍ଛାପତ୍ରକୁ ନଥିରେ ରଖିବା ପାଇଁ ଅପିଲକାରୀଙ୍କ ଅନୁରୋଧକୁ ଆମେ ପ୍ରତ୍ୟାଖ୍ୟାନ କରୁଛୁ କାରଣ ରମଣ ପିଲ୍ଲାଇ ତାଙ୍କ ସପକ୍ଷରେ ତାଙ୍କର ସମ୍ପୂର୍ଣ୍ଣ ସମ୍ପତ୍ତି ପ୍ରଦାନ କରିଥିଲେ, ଏହି ଯୁକ୍ତିକୁ ପ୍ରଥମ ଥର ପାଇଁ ଆମ ସମ୍ମୁଖରେ ଉଠାଇବାକୁ ଅନୁମତି ଦିଆଯିବା ଉଚିତ ନୁହେଁ । ଉପରୋକ୍ତ ଅବଲୋକନଗୁଡିକ ସହିତ ଏହି ଅପିଲକୁ ଖାରଜ କରାଯାଇଛି । କୌଣସି ଖର୍ଚ୍ଚ ନାହିଁ ।

କେ.କେ.ଟି. ଅପିଲକୁ ଖାରଜ କରିଦିଆଯାଇଛି ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ।"

**<u>ଅନୁବାଦକ</u>**

କଲ୍ୟାଣକର ସାହୁ

ଓଡ଼ିଶା ଉଚ୍ଚ ନ୍ୟାୟାଳୟ